# NATIONAL NEWS BULLETIN (ODIA)
## 02nd January - 2025
## Morning Bulletin : 7.15 a.m.

*********************************

ଆକାଶବାଣୀ.....     ସମ୍ବାଦ ପଢୁଛନ୍ତି.....     **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ ଡି.ଏ.ପି. ଉପରେ ଏକକାଳୀନ ସ୍ୱତନ୍ତ୍ର ସମ୍ପ୍ରସାରିତ ପ୍ୟାକେଜ୍ ଆଜିଠାରୁ ଦେଶବ୍ୟାପୀ କାର୍ଯ୍ୟକାରୀ ହେବ ।

- ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନଦ୍ୱାରା ଦେଶର ଗ୍ରାମଗୁଡ଼ିକୁ ଦାରିଦ୍ର୍ୟମୁକ୍ତ କରାଯାଇପାରିବ; କହିଲେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ।

- ଦେଶରେ କୋଇଲା ଉତ୍ପାଦନ କ୍ଷେତ୍ରରେ ଗତ ଡିସେମ୍ବର ମାସରେ ଘଟିଛି ଉଲ୍ଲେଖନୀୟ ଅଭିବୃଦ୍ଧି ।

- ଜମ୍ମୁ-କାଶ୍ମୀର ଓ ଲଦାଖ୍‌ର ଇତିହାସ ଉପରେ ଲିଖିତ ଏକ ପୁସ୍ତକକୁ ଆଜି ନୂଆଦିଲ୍ଲୀରେ ଲୋକାର୍ପଣ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

ଏବଂ

- ମହାରାଷ୍ଟ୍ରର ଗଡ଼ଚିରୋଲିରେ ଗତକାଲି ନୂତନ ବର୍ଷର ପ୍ରଥମ ଦିନରେ ଆତ୍ମସମର୍ପଣ କଲେ ୧୧ ଜଣ ମାଓବାଦୀ ।

## କ୍ୟାବିନେଟ୍ - ଡି.ଏ.ପି. ଫର୍ଟିଲାଇଜର୍

କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ ଡାଇ-ଆମୋନିୟମ୍ ଫସ୍ଫେଟ୍ - ଡି.ଏ.ପି. ଉପରେ ଏକକାଳୀନ ସ୍ୱତନ୍ତ୍ର ସମ୍ପ୍ରସାରିତ ପ୍ୟାକେଜ୍ ଆଜିଠାରୁ ଦେଶବ୍ୟାପୀ ଲାଗୁ ହେବ । ଅନ୍ୟାଦେଶ ପର୍ଯ୍ୟନ୍ତ ଏହି ସମ୍ପ୍ରସାରିତ ପ୍ୟାକେଜ୍ ଦେଶବ୍ୟାପୀ କାର୍ଯ୍ୟକାରୀ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଡି.ଏ.ପି. ଉପରେ ଟନ୍ ପିଛା ୩ ହଜାର ୫ ଶହ ଟଙ୍କା ପୋଷଣ ଭିତ୍ତିକ ରିହାତି ଯୋଗାଇ ଦିଆଯିବା ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିଦ୍ୱାରା କୃଷକମାନଙ୍କୁ ସୁଲଭ ମୂଲ୍ୟରେ ନିରନ୍ତର ଭାବେ ଡି.ଏ.ପି. ଉପଲବ୍ଧ କରାଯାଇପାରିବ । ଏହି ସମ୍ପ୍ରସାରିତ ସ୍ୱତନ୍ତ୍ର ପ୍ୟାକେଜ କାର୍ଯ୍ୟକାରୀ ହେବାଦ୍ୱାରା ପ୍ରାୟ ୩ ହଜାର ୮୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଚାଷୀମାନେ ଏଣିକି ୫୦ କିଲୋଗ୍ରାମ୍ ବିଶିଷ୍ଟ ଡି.ଏ.ପି. ବସ୍ତାରେ ୧ ହଜାର

୩୫୦ ଟଙ୍କା ରିହାତି ପାଇବେ । ଏହି ଅତିରିକ୍ତ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିବେ । ଏଠାରେ ସୂଚନା ଦିଆଯାଇପାରେ, ଗତବର୍ଷ ଜୁଲାଇ ମାସରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଡି.ଏ.ପି. ଉପରେ ଏହି ଏକକାଳୀନ ସ୍ୱତନ୍ତ୍ର ପ୍ୟାକେଜ୍ ଅନୁମୋଦନ କରାଯାଇଥିଲା । ୨୦୨୪ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେବ ବୋଲି ସ୍ଥିର ହୋଇଥିଲା ।

## ଶିବରାଜ - ଫାର୍ମର୍ସ

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ୍ କହିଛନ୍ତି, ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ନବବର୍ଷକୁ ଚାଷୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଗତକାଲି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଚୌହାନ କହିଛନ୍ତି, ଚାଷୀଙ୍କ କଲ୍ୟାଣ ନିମନ୍ତେ ସରକାର ୩ଟି ପ୍ରମୁଖ ନିଷ୍ପତ୍ତି ନେଇଛନ୍ତି । ଗତକାଲି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ପୁନର୍ଗଠିତ ପାଣିପାଗ ଭିତ୍ତିକ ଶସ୍ୟ ବୀମାକୁ ୨୦୨୫-୨୬ ପର୍ଯ୍ୟନ୍ତ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି । ଏହାଛଡ଼ା ଡି.ଏ.ପି. ଉପରେ ଏକକାଳୀନ ସ୍ୱତନ୍ତ୍ର ଅତିରିକ୍ତ ରିହାତିର ଅବଧିକୁ ମଧ୍ୟ ଅନ୍ୟାଦେଶ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି ବୋଲି ଶ୍ରୀ ଚୌହାନ କହିଛନ୍ତି । କେନ୍ଦ୍ର କୃଷିମନ୍ତ୍ରୀ କହିଛନ୍ତି,

୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର  କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଅଭିବୃଦ୍ଧି ହାର ୩ ଦଶମିକ ୫ରୁ ୪ ପ୍ରତିଶତ ହେବାର ଆଶା କରାଯାଉଛି । ସେହିଭଳି ଅଣବାସୁମତୀ ଧାନର ବ୍ୟବସାୟକୁ ଅଧିକ ସଶକ୍ତ କରିବା ଲାଗି ସମବାୟ ମନ୍ତ୍ରଣାଳୟ ଇଣ୍ଡୋନେସିଆର ବାଣିଜ୍ୟ ମନ୍ତ୍ରଣାଳୟ ସହିତ ଏକ ବୁଝାମଣ ପତ୍ର ସ୍ୱାକ୍ଷର କରିଛି । ଏହି ବୁଝାମଣାପତ୍ର କାର୍ଯ୍ୟକାରୀ ହେବାଦ୍ୱାରା ଭାରତ ଇଣ୍ଡୋନେସିଆକୁ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଅଣବାସୁମତୀ ଚାଉଳ ରପ୍ତାନୀ କରିବ ବୋଲି ଶ୍ରୀ ଚୌହାନ୍ ସୂଚନା ଦେଇଛନ୍ତି ।

## ପଭର୍ଟି ଫ୍ରି ଭିଲେଜ୍

କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନଦ୍ୱାରା ଦେଶର ଗ୍ରାମଗୁଡ଼ିକୁ ଦାରିଦ୍ର୍ୟମୁକ୍ତ କରାଯାଇପାରିବ ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି । ଗତକାଲି ନୂଆଦିଲ୍ଲୀରେ ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ଚୌହାନ କହିଛନ୍ତି, ଏଣିକି ମାସିକ ଭିତ୍ତିରେ ଲକ୍ଷ୍ୟଧାର୍ଯ୍ୟ କରାଯିବ ଏବଂ ଏହି ଲକ୍ଷ୍ୟ ହାସଲ ଦିଗରେ ସମସ୍ତ ପ୍ରଚେଷ୍ଟା ଜାରି ରହିବ । ଭାରତକୁ ଦାରିଦ୍ର୍ୟମୁକ୍ତ କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସ୍ୱପ୍ନକୁ ସାକାର କରିବା

ଉଦ୍ଦେଶ୍ୟରେ ଏହି ପ୍ରଚେଷ୍ଟା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଅଧୀନରେ ୪୨ ଲକ୍ଷ ଗୃହ ନିର୍ମାଣ କରାଯିବାର ଲକ୍ଷ୍ୟଧାର୍ଯ୍ୟ ହୋଇଥିବାବେଳେ ସେଥିମଧ୍ୟରେ ୩୨ ଲକ୍ଷ ଗୃହ ଲାଗି ମଞ୍ଜୁରି ପ୍ରଦାନ କରାଯାଇଛି । ଏହାଛଡ଼ା ଗତବର୍ଷ ଜୁନ୍‌ରୁ ଡିସେମ୍ବର ମାସ ମଧ୍ୟରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଗୃହ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଛି । ଅବଶିଷ୍ଟ ଗୃହଗୁଡ଼ିକର ନିର୍ମାଣ ଲାଗି ମନ୍ତ୍ରଣାଳୟ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ଶ୍ରୀ ଚୌହାନ କହିଛନ୍ତି ।

## କୋଲ୍ ପ୍ରଡକ୍ସନ୍

ଦେଶରେ କୋଇଲା ଉତ୍ପାଦନ କ୍ଷେତ୍ରରେ ଗତ ଡିସେମ୍ବର ମାସରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି । ଏ ସମ୍ପର୍କରେ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ ଦିଆଯାଇଥିବା ସୂଚନା ଅନୁଯାୟୀ ଗତ ଡିସେମ୍ବର ମାସରେ ୯୭ ଦଶମିକ ୯/୪ ମିଲିୟନ୍ ଟନ୍ କୋଇଲା ଉତ୍ପାଦନ ହୋଇଛି, ଯାହାକି ପୂର୍ବବର୍ଷ ଏହି ସମୟ ତୁଳନାରେ ୫ ଦଶମିକ ୩/୩ ପ୍ରତିଶତ ଅଧିକ । ଏଥିସହିତ ୨୦୨୪-୨୫ ବର୍ଷରେ ଦେଶରେ ମୋଟ୍ ୭୨୬ ଦଶମିକ ୨/୯ ମିଲିୟନ୍ ଟନ୍ କୋଇଲା ଉତ୍ପାଦନ ହୋଇଛି । ୨୦୨୩-୨୪ ବର୍ଷରେ ଏହି ଉତ୍ପାଦନ ପରିମାଣ ୬୮୪ ଦଶମିକ ୪/୫

ମିଲିୟନ୍ ଟନ୍ ରହିଥିଲା । ସେହିଭଳି କ୍ୟାପ୍‌ଟିଭ୍ ଓ ଅନ୍ୟାନ୍ୟ ଖଣିଜ ପଦାର୍ଥ ୧୮ ଦଶମିକ ୯/୫ ମିଲିୟନ୍ ଟନ୍ ଉତ୍ପାଦନ ହୋଇଥିବାବେଳେ ପୂର୍ବ ବର୍ଷ ଏହି ସମୟ ତୁଳନାରେ ୨୯ ଦଶମିକ ୬/୧ ପ୍ରତିଶତ ଅଧିକ ବୋଲି ଜଣାଯାଇଛି । ଦେଶରେ କ୍ରମବର୍ଦ୍ଧିଷ୍ଣୁ ଶକ୍ତି ଚାହିଦାକୁ ସଫଳ ଭାବେ ମେଣ୍ଟାଇବା ଦିଗରେ ମନ୍ତ୍ରଣାଳୟ ପକ୍ଷରୁ କରାଯାଉଥିବା ନିରନ୍ତର ପ୍ରଚେଷ୍ଟା ଏହାଦ୍ୱାରା ପ୍ରତିଫଳିତ ହେଉଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏହି ବିବୃତ୍ତିରେ କୁହାଯାଇଛି ।

## ରିପବ୍ଲିକ୍ ଡେ ଟିକେଟ୍

ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଚଳିତ ବର୍ଷର ଜାତୀୟସ୍ତରୀୟ ଗଣତନ୍ତ୍ର ଦିବସ ପ୍ୟାରେଡ୍ ଏବଂ ବିଟିଂ ରିଟ୍ରିଟ୍ ସମାରୋହ ଲାଗି ଆଜିଠାରୁ ଟିକେଟ୍ ବିକ୍ରୟ ଆରମ୍ଭ ହେବ । ଏ ସମ୍ପର୍କରେ ସୂଚନା ଦେଇ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଏଥିଲାଗି ନୂଆଦିଲ୍ଲୀସ୍ଥିତ ସେନା ଭବନ, ଶାସ୍ତ୍ରୀଭବନ, ଯନ୍ତ୍ରମନ୍ତର, ପ୍ରଗତି ମଇଦାନ ଏବଂ ରାଜୀବ ଚୌକ୍ ମେଟ୍ରୋ ଷ୍ଟେସନ୍‌ଠାରେ ଟିକେଟ୍ କାଉଣ୍ଟର୍‌ମାନ ଖୋଲାଯାଇଛି । ଜନସାଧାରଣ ନିଜର ପରିଚୟ ପତ୍ର ଦେଖାଇ ସେଠାରୁ ଟିକେଟ୍ କିଣିପାରିବେ । ଗଣତନ୍ତ୍ର ଦିବସ ପ୍ୟାରେଡ୍ ସମାରୋହ ଲାଗି ଟିକେଟ୍‌ର ମୂଲ୍ୟ ୨୦ରୁ ୧୦୦ ଟଙ୍କା ମଧ୍ୟରେ ଧାର୍ଯ୍ୟ

କରାଯାଇଥିବାବେଳେ ବିଟିଂ ରିଟ୍ରିଟ୍ ଲାଗି ଟିକେଟ୍‌ର ଦାମ୍ ୨୦ ଟଙ୍କା ରହିଛି । ଏହାଛଡ଼ା ଜନସାଧାରଣ ଏଥିଲାଗି ଉଦ୍ଦିଷ୍ଟ ୱେବ୍‌ସାଇଟ୍ ଆମନ୍ତ୍ରନ୍ ଡଟ୍ ଏମ୍.ଓ.ଡି. ଡଟ୍ ଜି.ଓ.ଭି. ଡଟ୍ ଇନ୍ ଏବଂ ଆମନ୍ତ୍ରନ୍ ମୋବାଇଲ୍ ଆପ୍ ମାଧ୍ୟମରେ ମଧ୍ୟ ସିଧାସଳଖ ଟିକେଟ୍ କ୍ରୟ କରିପାରିବେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ପି.ଏମ୍. - କଣ୍ଡୋଲେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଦ୍ମ ପୁରସ୍କାର ବିଜେତା ତଥା ବିଶିଷ୍ଟ ଉଦ୍ଭିଦ ବିଶେଷଜ୍ଞ ଡକ୍ଟର କେ. ଏସ୍. ମଣିଲାଲ୍‌ଙ୍କ ବିୟୋଗରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଏକ ବାର୍ତ୍ତା ଦେଇ ଶ୍ରୀ ମୋଦି କହିଛନ୍ତି, ଜୀବ ବିଜ୍ଞାନ କ୍ଷେତ୍ରରେ ଡକ୍ଟର ମଣିଲାଲ୍‌ଙ୍କ ଉଚ୍ଚ ଗବେଷଣା ଆଗାମୀ ପିଢ଼ିର ଜୀବବିଜ୍ଞାନୀ ଓ ଗବେଷକଙ୍କ ଲାଗି ପଥ ପ୍ରଦର୍ଶନ କରିବ । ଏହାଛଡ଼ା ଡକ୍ଟର ମଣିଲାଲ୍ କେରଳର ଇତିହାସ ଓ ସଂସ୍କୃତି ପ୍ରତି ମଧ୍ୟ ସମାନ ଭାବେ ରୁଚି ରଖିଥିଲେ ବୋଲି ପ୍ରଧାନମନ୍ତ୍ରୀ ନିଜ ଶୋକବାର୍ତ୍ତାରେ କହିଛନ୍ତି ।

## ଅମିତ୍ ଶାହା - ବୁକ୍ ରିଲିଜ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ନୂଆଦିଲ୍ଲୀରେ ଜମ୍ମୁ-କାଶ୍ମୀର ଓ ଲଦାଖ୍ ଉପରେ ଲିଖିତ ଏକ ପୁସ୍ତକ ଉନ୍ମୋଚନ କରିବେ । ଏହି ଅବସରରେ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ସମାରୋହରେ ଶ୍ରୀ ଶାହା ମୁଖ୍ୟ ଅତିଥି ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନନୀୟ ଅତିଥି ଭାବେ ଯୋଗଦେବେ । ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ ଏବଂ ଭାରତୀୟ ଇତିହାସ ଗବେଷଣା ପରିଷଦଦ୍ୱାରା ମିଳିତ ଭାବେ ଉଭୟ ହିନ୍ଦୀ ଓ ଇଂରାଜୀ ଭାଷାରେ ଛପା ଯାଇଥିବା ଏହି ପୁସ୍ତକରେ ୩ ହଜାରରୁ ଅଧିକ ବର୍ଷ ଧରି ଜମ୍ମୁ-କାଶ୍ମୀର ଓ ଲଦାଖ୍ ଅଞ୍ଚଳର ଇତିହାସ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଆଜିକାର ଏହି ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି ।

## ଇରାନ୍ ଡେପୁଟି ଫରେନ୍ ମିନିଷ୍ଟର

ଇରାନ୍‌ର ରାଜନୈତିକ ବ୍ୟାପାର ଉପ-ବୈଦେଶିକ ମନ୍ତ୍ରୀ ମାଜିଦ୍ ତଖ୍ତ-ରାଭାଞ୍ଚି ଆଜିଠାରୁ ଦୁଇଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ରାଭାଞ୍ଚି ଆଜିଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେବାକୁ ଥିବା

୧୯ତମ ଭାରତ-ଇରାନ୍ ରାଜନୈତିକ ପରାମର୍ଶ ବୈଠକରେ ଅଂଶଗ୍ରହଣ କରିବେ । ଭାରତ ଓ ଇରାନ୍ ମଧ୍ୟରେ ଏକ ସୁଦୀର୍ଘ ଐତିହାସିକ ତଥା ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ରହିଆସିଛି । ଏତଦ୍‌ବ୍ୟତୀତ ଦୁଇ ଦେଶ ମଧ୍ୟରେ ୨୦୦୩ ମସିହାରେ ରଣନୈତିକ ଭାଗିଦାରୀ ବୁଝାମଣା ପତ୍ର ମଧ୍ୟ ସ୍ୱାକ୍ଷରିତ ହୋଇଛି । ଏହାଦ୍ୱାରା ଶକ୍ତି ଓ ବାଣିଜ୍ୟ କ୍ଷେତ୍ର ଅଧିକ ଲାଭବାନ ହୋଇଛି । ୨୦୨୨-୨୩ ଆର୍ଥିକ ବର୍ଷରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ୧୭ ଦଶମିକ ୫ ବିଲିୟନ୍ ଡଲାର ହୋଇଥିବା ଜଣାପଡ଼ିଛି ।

## ଜୟଶଙ୍କର - କାତାର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତକାଲି କାତାର୍‌ର ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଶେଖ୍ ମହମ୍ମଦ ବିନ୍ ଅବଦୁଲ-ରହମାନ ବିନ୍ ଜାସିମ୍ ଆଲ୍ ଥାନିଙ୍କ ସହିତ ସାକ୍ଷାତ୍ ଆଲୋଚନା କରିଛନ୍ତି । ଗତ ସୋମବାରଠାରୁ କାତାର ଗସ୍ତରେ ଥିବା ଡକ୍ଟର ଜୟଶଙ୍କର ଏହି ଆଲୋଚନା କାଳରେ ଦ୍ୱିପକ୍ଷୀୟ ସହଯୋଗ ସମେତ ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ପ୍ରସଙ୍ଗରେ କଥାବାର୍ତ୍ତା କରିଛନ୍ତି । ଡକ୍ଟର ଜୟଶଙ୍କରଙ୍କ ଏହି ଗସ୍ତ ଅବସରରେ ଦୁଇ ଦେଶ ମଧ୍ୟରେ ରାଜନୈତିକ, ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି, ନିରାପତ୍ତା, ସଂସ୍କୃତି ଓ ଜନସମ୍ପର୍କ ସମେତ ଆପୋଷ ସ୍ୱାର୍ଥ ଜଡ଼ିତ

ବିଭିନ୍ନ ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ପ୍ରସଙ୍ଗରେ ସମୀକ୍ଷା କରାଯାଇଛି । ଯୁକ୍ତରାଷ୍ଟ୍ର ଆମେରିକାକୁ ୬ ଦିନିଆ ଗସ୍ତ ଶେଷ କରି ଡକ୍ଟର ଜୟଶଙ୍କର କାତାର୍‌ରେ ପହଞ୍ଚିଛନ୍ତି । ଆମେରିକା ଗସ୍ତ ଅବସରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଜୟଶଙ୍କର ସେଠାକାର ନେତୃବୃନ୍ଦଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ।

## ମହା - ସରେଣ୍ଡର୍

ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲ୍ଲାରେ ଗତକାଲି ନୂତନ ବର୍ଷର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶଙ୍କ ଉପସ୍ଥିତିରେ ୧୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ ୮ ଜଣ ମହିଳା ଓ ୩ ଜଣ ପୁରୁଷ ରହିଛନ୍ତି । ଏହି ୧୧ ଜଣ ମାଓବାଦୀଙ୍କ ଲାଗି ମହାରାଷ୍ଟ୍ରରେ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ଆତ୍ମସମର୍ପଣ ପରେ ସମ୍ପୃକ୍ତ ମାଓବାଦୀଙ୍କର ଭବିଷ୍ୟତର ଜୀବନ ଜିବିକାକୁ ସୁଗମ କରିବା ଉଦ୍ଦେଶ୍ୟରେ ମୋଟ୍ ୮୬ ଲକ୍ଷ ଟଙ୍କା ସରକାରୀ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ଫଡ଼ନବୀଶ କହିଛନ୍ତି, ଉତ୍ତର ଗଡ଼ଚିରୋଲିକୁ ମାଓବାଦୀମୁକ୍ତ କରାଯାଇ ପାରିଛି ।  ଖୁବ୍ ଶୀଘ୍ର ଗଡ଼ଚିରୋଲି ଜିଲ୍ଲାର ଦକ୍ଷିଣାଞ୍ଚଳକୁ ମଧ୍ୟ ମାଓମୁକ୍ତ କରାଯିବ । ଗତ ୪ ବର୍ଷ ମଧ୍ୟରେ ଜଣେ ହେଲେବି ଯୁବକ ବା

ଯୁବତୀ ମାଓବାଦୀଙ୍କ ସହିତ ହାତ ନ ମିଳାଇବା ସରକାରଙ୍କ ଲାଗି ଏକ ବଡ଼ ସଫଳତା । ଏହି ଅବସରରେ ଗଡ଼ଚିରୋଲି ଜିଲ୍ଲା ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ଫଡ଼ନବୀଶ ଏକ ସବୁଜ ଖଣିଜ ଓ ଗମନାଗମନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି ।

## ଓର୍‌ଲିଆନ୍ସ ଆଟାକ୍

ଯୁକ୍ତରାଷ୍ଟ୍ର ଆମେରିକାର ନିୟୁ ଓର୍ଲିଆନ୍‌ଠାରେ ଗତକାଲି ଜଣେ ବ୍ୟକ୍ତି ଜନଗହଳି ସ୍ଥାନରେ ଜାଣିଶୁଣି ଟ୍ରକ୍ ଚଢ଼ାଇ ଦେବାରୁ ପ୍ରାୟ ୧୫ ଜଣଙ୍କର ମୃତ୍ୟୁ ହୋଇଛି । ଏହାଛଡ଼ା ଅନ୍ୟ ୩୫ ଜଣ ଆହତ ହୋଇଥିବା ଜଣାଯାଇଛି । ଏହି ଦୁର୍ଘଟଣା ଘଟାଇଥିବା ବ୍ୟକ୍ତି ପୁଲିସ୍ ଗୁଳିରେ ନିହତ ହୋଇଛି । ଏହି ଦୁର୍ଘଟଣାକୁ ଏକ ସନ୍ତ୍ରାସବାଦୀ ଆକ୍ରମଣ ଭାବେ ଗ୍ରହଣ କରାଯାଇ ଅଧିକ ତଦନ୍ତ ଜାରି ରହିଛି । ରାଷ୍ଟ୍ରପତି ଜୋ ବାଇଡେନ୍ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ଏବଂ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ହକି ଇଣ୍ଡିଆ ଲିଗ୍

ଓଡ଼ିଶାର ରାଉରକେଲାସ୍ଥିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ର ଗତକାଲିର ମ୍ୟାଚ୍‌ରେ ଶ୍ରାଚି ରାଢ ବେଙ୍ଗଲ ଟାଇଗର୍ସ ୨-୧ ଗୋଲ୍‌ରେ ଗୋନାସିକା ଦଳକୁ ପରାସ୍ତ କରିଛି । ବେଙ୍ଗଲ୍ ଟାଇଗର୍ସ ପକ୍ଷରୁ ରୂପିନ୍ଦର ପାଲ୍ ସିଂହ ୨ଟିଯାକ ଗୋଲ୍ ଦେଇଛନ୍ତି ।

*****